# NATIONAL NEWS BULLETIN (ODIA)
## 02nd February - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଛଅଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଲେ ରାଷ୍ଟ୍ରପତି ।

- ପେନ୍ନାୟାର୍ ନଦୀଜଳ ଆବଣ୍ଟନକୁ ନେଇ ତାମିଲ୍‌ନାଡୁ ଓ କର୍ଣ୍ଣାଟକ ବିବାଦର ସମାଧାନ ଲାଗି ଟ୍ରିବ୍ୟୁନାଲ୍ ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ ।

- କେନ୍ଦ୍ର ବଜେଟ୍ ସମ୍ପର୍କରେ ଯୁବବର୍ଗଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଆଜି "ମାଇଁ ଭାରତ ବଜେଟ୍ କ୍ୱେଷ୍ଟ-୨୦୨୬"ର ଶୁଭାରମ୍ଭ କଲେ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ।

- ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବା ସହିତ ବିଶ୍ୱସ୍ତରରେ ଏକ ଅଗ୍ରଣୀ ଭୂମିକା ନିର୍ବାହ କରୁଛି; କହିଲେ କୃଷିମନ୍ତ୍ରୀ ।

ଏବଂ

- ଆସନ୍ତା ୫ ତାରିଖରୁ ୬ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି ସେଚେଲ୍ସର ରାଷ୍ଟ୍ରପତି ।

## ପ୍ରେଜ୍ - ଓଡ଼ିଶା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ଅବତରଣ କରିଛନ୍ତି । ବିମାନ ବନ୍ଦରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ବିମାନ ବନ୍ଦରଠାରେ ସ୍ୱାଗତ ଜଣାଇଛନ୍ତି । ଏହି ଗସ୍ତ କାଳରେ ରାଷ୍ଟ୍ରପତି ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର, ପୁରୀ ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀମତୀ ମୁର୍ମୁ ଆସନ୍ତାକାଲି ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର  ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେବା ସହିତ ନବନିର୍ମିତ ଅଡିଟୋରିୟମ୍‌କୁ ଉଦ୍‌ଘାଟନ କରିବେ । ବୁଧବାର ଦିନ ରାଷ୍ଟ୍ରପତି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହିତ ରାଇରଙ୍ଗପୁରର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ

ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୬ ତାରିଖ ଦିନ ରାଷ୍ଟ୍ରପତି ଶିମିଳିପାଳଠାରେ ଆଦିବାସୀ ସଂପ୍ରଦାୟର ମହିଳା ଓ ଯୁବକମାନଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

ପରେ ସେ ଭୁବନେଶ୍ୱରରେ ରାଜ୍ୟ ସରକାର ଓ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନଲୋଜି ନେଟୱ୍ୱର୍କ ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ବ୍ଲକ୍‌ସ୍ୱାନ୍ ସମିଟ୍ ଇଣ୍ଡିଆରେ ଉଦ୍‌ବୋଧନ ଦେବେ । ଆସନ୍ତା ୭ ତାରିଖ ଦିନ ରାଷ୍ଟ୍ରପତି ଛତିଶଗଡ଼ ଗସ୍ତ କରି ଜଗଦଲପୁରରେ ହେବାକୁ ଥିବା "ବସ୍ତର ପାଣ୍ଡୁମ୍-୨୦୨୬" ମହୋତ୍ସବର ଉଦ୍‌ଘାଟନ କରିବେ ।

## ଏସ୍.ସି. - ୱାଟର ଡିସ୍‌ପ୍ୟୁଟ୍

ପେନ୍ନାୟାର୍ ନଦୀଜଳ ବଣ୍ଟନକୁ ନେଇ ତାମିଲ୍‌ନାଡୁ ଓ କର୍ଣ୍ଣାଟକ ମଧ୍ୟରେ ଥିବା ବହୁଦିନର ଦ୍ୱନ୍ଦ୍ୱକୁ ସମାଧାନ କରିବା ଲାଗି ଏକ ଟ୍ରିବ୍ୟୁନାଲ୍ ଗଠନ କରିବାକୁ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ବେଞ୍ଚ୍ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ପ୍ରକାଶ କରିବା ସହିତ ଏକମାସ ମଧ୍ୟରେ ଟ୍ରିବ୍ୟୁନାଲ୍ ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ଜଷ୍ଟିସ୍ ନାଥ୍ କହିଛନ୍ତି, ଆନ୍ତଃରାଜ୍ୟ ଜଳ ସମସ୍ୟାର ସମାଧାନ ଲାଗି ଟ୍ରିବ୍ୟୁନାଲ୍ ଗଠନ ଦିଗରେ ବିଳମ୍ୱ ହେବାର କୌଣସି କାରଣ ନାହିଁ । ପେନ୍ନାୟାର୍ ନଦୀ ଉପରେ

କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ଚେକ୍ ଡ୍ୟାମ୍ ନିର୍ମାଣକୁ ନେଇ ୨୦୧୮ ମସିହାରେ ତାମିଲ୍‌ନାଡୁ ସରକାରଙ୍କ ପକ୍ଷରୁ ଏହି ମାମଲା ଦାୟର କରାଯାଇଥିଲା । ଆନ୍ତଃରାଜ୍ୟ ନଦୀର ଜଳ ଏକ ଜାତୀୟ ସମ୍ପତ୍ତି ହୋଇଥିବା ଦୃଷ୍ଟିରୁ କୌଣସି ରାଜ୍ୟ ଏହା ଉପରେ ଏକକ ଅଧିକାର ସାବ୍ୟସ୍ତ କରିପାରିବ ନାହିଁ ବୋଲି ତାମିଲ୍‌ନାଡୁ ସରକାରଙ୍କ ପକ୍ଷରୁ ଅଦାଲତରେ ଦର୍ଶାଯାଇଛି ।

## ମାଣ୍ଡବିୟ

ବିକଶିତ ଭାରତ ଯୁବନେତୃତ୍ୱ କଥାବାର୍ତ୍ତାର ସଫଳତା ପରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆଜି "ମାଇଁ ଭାରତ ବଜେଟ୍ କ୍ୱେଷ୍ଟ-୨୦୨୬"ର ଶୁଭାରମ୍ଭ କରିଛନ୍ତି । ଆସନ୍ତାକାଲିଠାରୁ ଦେଶବ୍ୟାପୀ ଏହି ଯୁବକୈନ୍ଦ୍ରିକ କାର୍ଯ୍ୟକ୍ରମ ଆରମ୍ଭ ହେବ । କେନ୍ଦ୍ରୀୟ ବଜେଟ୍ ସମ୍ପର୍କରେ ଦେଶର ଯୁବବର୍ଗ ଯେଭଳି ସୂଚାରୁରୂପେ ଅବଗତ ହୋଇପାରିବେ ଏବଂ ବଜେଟ୍‌ରେ ଥିବା ପ୍ରସ୍ତାବଗୁଡ଼ିକୁ ଅଧିକ ସୁଗମ ଏବଂ ନାଗରିକ-କୈନ୍ଦ୍ରିକ କରିବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ବିଭିନ୍ନ ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ତଥା କୋଚିଙ୍ଗ୍ ସେଣ୍ଟର୍‌ରେ ଅଧ୍ୟୟନରତ ଯୁବବର୍ଗଙ୍କୁ ଏଥିରେ ସାମିଲ୍ କରି ନାଗରିକମାନଙ୍କର ଦୈନନ୍ଦିନ ଜୀବନ ସହିତ ବଜେଟ୍‌ର ବିଭିନ୍ନ ପ୍ରସ୍ତାବକୁ କିଭଳି ସଂଯୋଗ କରାଯାଇପାରିବ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେ ସମ୍ପର୍କରେ ଧ୍ୟାନ ଦିଆଯିବ ।

ମାଇଁ ଭାରତ ବଜେଟ୍ କ୍ୱେଷ୍ଟର ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ ଡକ୍ଟର ମାଣ୍ଡବୀୟ କହିଛନ୍ତି, ଯୁବବର୍ଗଙ୍କ ସ୍ୱରକୁ ଅଧିକ ସଶକ୍ତ କରିବା ଉପରେ ଲକ୍ଷ୍ୟ ରଖି ସରକାର କାର୍ଯ୍ୟ କରୁଛନ୍ତି । ଆସନ୍ତା ୧୭ ତାରିଖ ମଧ୍ୟରେ ମାଇଁ ଭାରତ ପୋର୍ଟାଲ୍‌ରେ ନିଜକୁ ପଞ୍ଜିକୃତ କରିଥିବା ଯୁବବର୍ଗଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହାପରେ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଶୀର୍ଷସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟରେ ଅସନ୍ତା ମାସ ୩ ତାରିଖ ମଧ୍ୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ବିକଶିତ ଭାରତ ଦୃଷ୍ଟିକୋଣ ସହିତ କେନ୍ଦ୍ରୀୟ ବଜେଟ୍‌ର ସମ୍ପର୍କକୁ ନେଇ ୮ଟି ପ୍ରସଙ୍ଗ ଉପରେ ପ୍ରତିଯୋଗିତା ହେବ । ଏହି ପ୍ରତିଯୋଗିତାର ବିଜେତାମାନେ ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଭାବ ବିନିମୟ କରିବାର ସୁଯୋଗ ପାଇବେ ବୋଲି ଡକ୍ଟର ମାଣ୍ଡବୀୟ କହିଛନ୍ତି ।

## ଶିବରାଜ - ଇକୋନୋମିକ ସର୍ଭେ

ଦେଶରେ ଉଭୟ କୃଷି ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ ଅଭୂତପୂର୍ବ ପ୍ରଗତି ହୋଇଥିବା ପ୍ରସଙ୍ଗ ଚଳିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରତିଫଳିତ ହୋଇ ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଶ୍ରୀ ଚୌହାନ କହିଛନ୍ତି,

ଗତ ୫ ବର୍ଷ ମଧ୍ୟରେ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକରେ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ୪ ଦଶମିକ ୪ ପ୍ରତିଶତ ରହିଛି, ଯାହାକି ବିଶ୍ୱସ୍ତରୀୟ ହାରଠାରୁ ଅଧିକ । ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ଼ ପରିମାଣ ୩୫୭ ଦଶମିକ ୭/୩ ମିଲିୟନ୍ ଟନ୍ ହୋଇଥିଲା ବୋଲି ସେ କହିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, ବର୍ତ୍ତମାନ ଭାରତ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ କେବଳ ଆତ୍ମନିର୍ଭର ହୋଇପାରି ନାହିଁ; ବରଂ ବିଶ୍ୱ ସ୍ତରରେ ଅନେକ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ନିର୍ବାହ କରୁଛି । ଏତଦ୍‌ବ୍ୟତୀତ ଗତ ୧୧ ବର୍ଷ ମଧ୍ୟରେ ଦେଶରେ ଉଦ୍ୟାନ କୃଷି ଉତ୍ପାଦନ ପରିମାଣ ପ୍ରାୟ ୮୭ ମିଲିୟନ୍ ଟନ୍ ବୃଦ୍ଧି ପାଇଛି । ୨୦୧୪ ମସିହାରେ ଏହି ପରିମାଣ ୨୮୦ ଦଶମିକ ୭ ମିଲିୟନ୍ ଟନ୍ ଥିବାବେଳେ ବର୍ତ୍ତମାନ ଏହା ୩୬୭ ଦଶମିକ ୭/୨ ମିଲିୟନ୍ ଟନ୍‌ରେ ପହଞ୍ଚି ବୋଲି କୃଷିମନ୍ତ୍ରୀ କହିଛନ୍ତି ।

## ସିଚେଲ୍‌ସ ପ୍ରେଜ ଭିଜିଟ୍

ସେଚେଲ୍‌ସର ରାଷ୍ଟ୍ରପତି ପ୍ୟାଟ୍ରିକ୍ ହାର୍‌ମିନି ଆସନ୍ତା ୫ ତାରିଖରୁ ଭାରତ ଗସ୍ତରେ ଆସୁଛନ୍ତି । ଗତବର୍ଷ ଅକ୍ଟୋବର ମାସରେ ଦାୟିତ୍ୱ ନେବା ପରେ ରାଷ୍ଟ୍ରପତି ହାର୍‌ମିନିଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଭାରତ ଓ ସେଚେଲ୍‌ସ ମଧ୍ୟରେ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ

ରାଷ୍ଟ୍ରପତି ହାରମିନିଙ୍କର ଏହି ଗସ୍ତ ଅନେକ୍ ଗୁରୁତ୍ୱ ବହନ କରେ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ମନ୍ତ୍ରଣାଳୟ କହିଛି, ଏହି ଛଅଦିନିଆ ଗସ୍ତ ଅବସରରେ ରାଷ୍ଟ୍ରପତି ହାର୍‌ମିନି ତାଙ୍କର ଭାରତୀୟ ପ୍ରତିପକ୍ଷ ଦ୍ରୌପଦୀ ମୁର୍ମୁଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ସେ ଆପୋଷ ସ୍ୱାର୍ଥଜଡ଼ିତ ବିଭିନ୍ନ ଦ୍ୱିପକ୍ଷୀୟ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତକାଳରେ ରାଷ୍ଟ୍ରପତି ହାର୍‌ମିନି ଚେନ୍ନାଇ ଓ ମୁମ୍ବାଇ ଗସ୍ତ କରି ସେଠାରେ ବ୍ୟାବସାୟିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ମନ୍ତ୍ରଣାଳୟ କହିଛି ।

## ଡିଫେନ୍ସ ମିନିଷ୍ଟର - ୱାଇ.ଆଇ.ଏଲ୍

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ 'ଯନ୍ତ୍ର ଇଣ୍ଡିଆ ଲିମିଟେଡ୍-YIL'କୁ 'ମିନିରତ୍ନ' କାଟାଗୋରୀ-ୱାନ ପାହ୍ୟା ପ୍ରଦାନ କରାଯାଇଛି । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସମ୍ପୃକ୍ତ କମ୍ପାନୀକୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ସିଂହ କହିଛନ୍ତି, ପ୍ରାୟ ୪ ବର୍ଷ ମଧ୍ୟରେ YIL ଏକ ସରକାରୀ ସଂସ୍ଥାକୁ ଲାଭଦାୟକ କର୍ପୋରେଟ୍ ସଂସ୍ଥାରେ ସଫଳତାର ସହ ରୂପାନ୍ତର କରିପାରିଛି । ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ଏହି ସଂସ୍ଥା

ଉନ୍ନତ ମାନ ବଜାୟ ରଖିବା ସହିତ ବାର୍ଷିକ ବ୍ୟାବସାୟିକ କାରବାରରେ ଯଥେଷ୍ଟ ବୃଦ୍ଧି କରିପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

## ଇଣ୍ଡିଆ ଏ.ଆଇ. ସମ୍ମିଟ୍

ଆସନ୍ତା ୧୬ ତାରିଖରୁ ନୂଆଦିଲ୍ଲୀରେ ଆରମ୍ଭ ହେବାକୁ ଥିବା ଭାରତ ଏ.ଆଇ. ଇମ୍ପାକ୍ଟ ସମ୍ମିଟ ଲାଗି ଏପର୍ଯ୍ୟନ୍ତ ୩୫ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ହୋଇଛି । ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ପାଞ୍ଚଦିନିଆ ସମ୍ମିଳନୀରେ ଏକ ଶହରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧିଙ୍କ ସମେତ ୧୫ରୁ ୨୦ ଜଣ ରାଷ୍ଟ୍ରମୁଖ୍ୟ ଯୋଗଦେବେ । ଏହାଛଡ଼ା ବିଭିନ୍ନ ଦେଶର ମନ୍ତ୍ରୀ ଏବଂ ବିଶ୍ୱସ୍ତରୀୟ ତଥା ଭାରତୀୟ ଅଗ୍ରଣୀ କମ୍ପାନୀଗୁଡ଼ିକର ୪୦ରୁ ଊର୍ଦ୍ଧ୍ୱ ମୁଖ୍ୟ କାର୍ଯ୍ୟନିର୍ବାହୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ବିଶ୍ୱସ୍ତରୀୟ କୃତ୍ରିମ ବୁଦ୍ଧିମତ୍ତା ଇକୋ ସିଷ୍ଟମ୍ ଏବଂ ନବସୃଜନତା ଓ ଗବେଷଣା କ୍ଷେତ୍ରରୁ ୫ ଶହରୁ ଊର୍ଦ୍ଧ୍ୱ ପ୍ରମୁଖ ବ୍ୟକ୍ତିବିଶେଷ ମଧ୍ୟ ଏହି ସମ୍ମିଳନୀରେ ସାମିଲ୍ ହେବେ ବୋଲି ମନ୍ତ୍ରଣାଳୟ କହିଛି ।

*****